## ସଂକ୍ଷେପରେ

### ଶୈକ୍ଷିକ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

ନୟାଗଡ ଅଫିସ,୩୧।୧: ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଶୈକ୍ଷିକ ଭବନର ଭିତ୍ତିପ୍ରସ୍ତର ସ୍ଥାପନ ନୟାଗଡ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସୁରେଶ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲାପାଳ ପୋମା ଟୁଡୁ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଧର ଯୋଗ ଦେଇଥିଲେ। ୩୨ ହଜାର ସ୍କୋୟାର ଫୁଟ୍ ଜମିରେ ନିର୍ମାଣ ହେବାକୁ ଥିବା ଏହି ଶୈକ୍ଷିକ ଭବନ ପାଇଁ ୫କୋଟି ୪୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଅନ୍ୟପକ୍ଷେ ଶୈକ୍ଷିକ ଭବନରେ ସ୍ମାର୍ଟ କ୍ଲାସରୁମ୍ ନିର୍ମାଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

### ଗାନ୍ଧିଜୀଙ୍କ ତିରୋଧାନ ଦିବସ

ରାଜନଗର,୩୧।୧(ଡି.ଏନ.ଏ.): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଟିମ୍ ରାଜନଗର ପକ୍ଷରୁ ପାଳିତ ହୋଇଯାଇଛି। ଅନ୍‌ଲାଇନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ରାଜନଗର ବ୍ଲକ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୁରସ୍କୃତ କରାଯାଇଛି। ପ୍ରଶାନ୍ତ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଭୋଳାନାଥ ସେଠୀ, ବିଡିଓ ମନ୍ଦରଧର ମାହାଲିକ, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅତୁଳ ବଳ, ଅଧ୍ୟାପକ ରତ୍ନାକର ନାୟକ, ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ର, ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦୀପକ କୁମାର ରାଉତ, ସୌରଭ କୁମାର ଜେନା, ଭକ୍ତି ସିଦ୍ଧାନ୍ତ ବିଶ୍ୱାଳ, ଦେବ ପ୍ରସାଦ ସାହୁ, ମାନସ ରାଉତ, ଚନ୍ଦ୍ର ଶେଖର ସାହୁ, ହିମାଂଶୁ ଶେଖର ଜେନା, ସନ୍ଦୀପ କୁମାର ରାଉତ, ସୁବାସିତ ସାହୁ, ନୟନ ବାଦଲ ଜେନା, ଦୀପକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବ

ଖଣ୍ଡପଡା,୩୧।୧(ସ୍ୱ.ପ୍ର.): ନୟାଗଡ଼ ଜିଲା ଭାପୁର ବ୍ଲକ୍ ଅଧୀନ ବାଇଗୁଣିଆ ଗ୍ରାମର କାଳିନ୍ଦୀ ମହାପାତ୍ରଙ୍କ ସ୍ତ୍ରୀ ଶାନ୍ତିଲତା(୫୭) ସ୍ତନ କର୍କଟ ରୋଗରେ ପୀଡିତ ହୋଇଛନ୍ତି। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା କାଳିନ୍ଦୀ ଏଥିପାଇଁ ଜିଲା ପ୍ରଶାସନକୁ ଅବଗତ କରିଥିଲେ। ଜିଲାପାଳ ତାଙ୍କୁ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହି ଟଙ୍କାରେ ଶାନ୍ତିଲତାଙ୍କୁ କେମୋ ଦିଆଯାଇଥିଲା। ଉଚ୍ଚତର ଚିକିତ୍ସା ପାଇଁ ଟଙ୍କା ନ ଥିବାରୁ ସେ ଯନ୍ତ୍ରଣା ଭୋଗୁଛନ୍ତି। ଏପରି ପରିସ୍ଥିତିରେ ଯଦି କୌଣସି ସହୃଦୟ ବ୍ୟକ୍ତି ଓ ଅନୁଷ୍ଠାନ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦିଅନ୍ତେ ଶାନ୍ତିଲତା ସୁସ୍ଥ ହୋଇପାରନ୍ତେ ବୋଲି କାଳିନ୍ଦୀ କହିଛନ୍ତି।

# ୪୨୧ କେନ୍ଦ୍ରର ଗୃହ ନିର୍ମାଣରେ ବିଳମ୍ବ

**ଆଜିଠାରୁ ଖୋଲିବ ଅଙ୍ଗନୱାଡି କେନ୍ଦ୍ର**

- ଶତାଧିକ କେନ୍ଦ୍ର ନିର୍ମାଣ ପାଇଁ ମିଳିଛି ମଞ୍ଜୁରୀ
- ପଟ୍ଟାମୁଣ୍ଡାଇରେ କେନ୍ଦ୍ର ନିର୍ମାଣରେ ଅବହେଳା

କେନ୍ଦ୍ରାପଡ଼ା ଅଫିସ, ୩୧।୧

କରୋନା ସଂକ୍ରମିତ ଅଞ୍ଚଳ ବାହାରେ ଥିବା ରାଜ୍ୟର ଅଙ୍ଗନୱାଡି କେନ୍ଦ୍ର ଫେବୃୟାରୀ ୧ ରୁ ଖୋଲିବ। ଏ ନେଇ ରାଜ୍ୟ ସରକାର ଶନିବାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲାରେ ୭୦୦ରୁ ଉର୍ଦ୍ଧ୍ୱ କେନ୍ଦ୍ର ନିର୍ମାଣ ହୋଇ ନ ଥିବାରୁ ପିଲାଙ୍କୁ ସ୍କୁଲଠାରୁ ଆରମ୍ଭ କରି ଘରୋଇ ପିଣ୍ଡାରେ ବସିବାକୁ ପଡିବ। ଜିଲାର ଆଳି ବ୍ଲକ ସହିରା ଗାଁରେ ୩ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ର ନିକଟସ୍ଥ ସ୍କୁଲ ବାରଣ୍ଡାରେ ଚାଲିଥିଲେ ହେଁ ଗୃହ ନିର୍ମାଣ ହୋଇନାହିଁ। ଏ ନେଇ ଗ୍ରାମବାସୀ ବ୍ଲକ ଓ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ କେହି ଶୁଣୁନାହାନ୍ତି। କେବଳ ସହିରା ଗାଁ ନୁହେଁ, ଜିଲାର ୨୦୦ରୁ ଅଧିକ କେନ୍ଦ୍ର ନିର୍ମାଣ ପ୍ରସ୍ତାବ ଫାଇଲ ତଳେ ଚାପି ହୋଇ ରହିଛି। ସେହିପରି ଶତାଧିକ କେନ୍ଦ୍ର ନିର୍ମାଣ ପ୍ରକଳ୍ପକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ମଞ୍ଜୁରୀ ମିଳିଛି। ପ୍ରଶାସନିକ ଅବହେଳା ଯୋଗୁ ଜିଲାର ୪୨୧ଟି ନିର୍ମାଣାଧୀନ ଏହି ପ୍ରକଳ୍ପ କାର୍ଯ୍ୟ ୨୦୧୯ରୁ ଆରମ୍ଭ ହୋଇଥିଲେ ମଧ ଅଦ୍ୟାବଧି ଶେଷ ହୋଇନାହିଁ।

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଅଙ୍ଗନୱାଡି କର୍ମଚାରୀଙ୍କ ମାଧମରେ କାର୍ଯ୍ୟକାରୀ ହୋଇଥାଏ। ଶିଶୁଙ୍କ ଟିକାକରଣ, ପ୍ରାକ୍‌ଶିକ୍ଷା, ଅପପୁଷ୍ଟି ରୋକିବାଠାରୁ ଆରମ୍ଭ କରି ଅସହାୟ ବୃଦ୍ଧାବୃଦ୍ଧଙ୍କ ଖାଦ୍ୟ ଓ ସୁରକ୍ଷା ବ୍ୟବସ୍ଥା ଏହି କେନ୍ଦ୍ରରେ ହେବାକୁ ସରକାର ନିୟମ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ନ ଥିବାରୁ ୯ ବର୍ଷ ମଧ୍ୟରେ ଏକ ଚତୁର୍ଥାଂଶରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ସରିନାହିଁ। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ଜିଲାର ୯ଟି ବ୍ଲକ ଅଞ୍ଚଳରେ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ୨୧୪୭ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଥିମଧ୍ୟରୁ ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୪୯୨ଟି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅର୍ଥ ପ୍ରଦାନ ସତ୍ତ୍ୱେ ଆଳି ବ୍ଲକ ଅଞ୍ଚଳର ୬୮, ଡେରାବିଶର ୪୬, ଗରଦପୁରର ୨୨, କେନ୍ଦ୍ରାପଡ଼ାର ୫୨, ମହାକାଳପଡ଼ାର ୫୧, ମାର୍ଶାଘାଇର ୩୨, ପଟ୍ଟାମୁଣ୍ଡାଇର ୬୦, ରାଜକନିକାର ୪୪ ଓ ରାଜନଗର ବ୍ଲକ ଅଞ୍ଚଳର ୪୬ କେନ୍ଦ୍ର ନିର୍ମାଣ ସରିନାହିଁ। ଜିଲାର ଶତାଧିକ କେନ୍ଦ୍ର ନିର୍ମାଣକୁ ମଞ୍ଜୁରୀ ମିଳିଥିଲେ ମଧ କାମ ଫାଇଲରେ ସୀମିତ ଅଛି। ବୁଦ୍ଧିଜୀବୀ ପ୍ରତାପ କୁମାର ତ୍ରିପାଠୀ କୁହନ୍ତି, ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ମହାକାଳପଡ଼ା ବ୍ଲକ ଅଞ୍ଚଳ ସର୍ବଦା ଅବହେଳିତ ହେଉଛି। ଶିଶୁ, ମାତୃ ମୃତ୍ୟୁହାର, ନାବାଳିକା ବିବାହ ଆଦି ସମସ୍ୟା ରହିଛି। ଶିଶୁଙ୍କ ସୁରକ୍ଷା ପାଇଁ ଗୃହ ନିର୍ମାଣ ଜରୁରୀ। ପଟ୍ଟାମୁଣ୍ଡାଇର ସନ୍ତୋଷ କୁମାର ବିଶ୍ୱାଳ କହିଛନ୍ତି, ରାଜନୈତିକ ହସ୍ତକ୍ଷେପ ଯୋଗୁ କେନ୍ଦ୍ର ଗୃହ ନିର୍ମାଣରେ ବିଳମ୍ବ ହେଉଛି। କେନ୍ଦ୍ର ପାଇଁ ଚିହ୍ନଟ ହେଉଥିବା ସ୍ଥାନକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ହେଉଛି। ଗୋଷ୍ଠୀ କନ୍ଦଳକୁ ଦଳୀୟ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ଲୋକପ୍ରତିନିଧି ସକାରାତ୍ମକ ଚିନ୍ତା ଧାରା ରଖିଲେ ଗୃହ ନିର୍ମାଣ ତ୍ୱରାନ୍ୱିତ ହେବ। ଏ ସମ୍ପର୍କରେ ଡିଏସ୍‌ଡବ୍ଲ୍ୟୁଓ ଚିନ୍ମୟୀ ରଥଙ୍କୁ ପଚାରିବାରେ ପୂର୍ବରୁ ଆସୁଥିବା ଅର୍ଥ କେନ୍ଦ୍ର ନିର୍ମାଣ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏହି ପ୍ରକଳ୍ପ ସାମିଲ ପରେ କେନ୍ଦ୍ର ନିର୍ମାଣକୁ ତ୍ୱରାନ୍ୱିତ କରାଯାଉଛି। ସ୍ଥାନ ଚିହ୍ନଟ ବିବାଦର ସମାଧାନ ଲାଗି ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ମତ ନିଆଯାଉଛି ବୋଲି ସେ କହିଛନ୍ତି।

## ୩୩ ବ୍ୟାରେଲ ଡିଜେଲ ଜବତ

ପାରାଦୀପ,୩୧।୧(ସ୍ୱ.ପ୍ର.)


ତେଲ ଜବତ ପରେ ଦୋକାନ ଘରକୁ ସିଲ୍ କରାଯାଇଛି।

ପାରାଦୀପ ଲକ୍ ଥାନା ପୋଲିସ ରବିବାର ଏକ ଚୋରା ଡିଜେଲ ବେପାରର ପର୍ଦ୍ଦାଫାଶ କରିଛି। ଉକ୍ତ ଘଟଣାରେ ୩୩ ବ୍ୟାରେଲ ଡିଜେଲ ଜବତ କରାଯାଇଛି। ଏହାର ପରିମାଣ ୬ ହଜାର ଲିଟର ବୋଲି ସୂଚନା ମିଳିଛି। ଏଥିସହ ଗୋଟିଏ ଟ୍ୟାଙ୍କଲର ଓ ୭୦୯ ମିନିଟ୍ରକ ଜବତ ହୋଇଛି। ଏ ନେଇ ନଂ. ୨୫/୨୧ରେ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁଙ୍କ ସୂଚନା ଅନୁସାରେ, ୨୯ ତାରିଖ ମଧ୍ୟରାତ୍ରରେ ବିଶେଷ ସୂତ୍ରରୁ ଖବରପାଇ ପାଟ୍ରୋଲିଂ ଟିମ ଭୂତମୁଣ୍ଡାଇଠାରେ ଦୁଇଟି ଗାଡିକୁ ଯାଞ୍ଚ କରି ଧରିଥିଲେ। ପରେ ଇଣ୍ଡିଆନ୍ ଅଏଲ୍ ମାର୍କେଟିଂ ଅଫିସର ଜରିଆରେ ତେଲ ମପା ଯାଇଥିଲା। ଉକ୍ତ ତେଲ କୋଷ୍ଟଗାର୍ଡ ଜାହାଜ ପାଇଁ ଯାଉଥିଲା ବେଳେ ତାକୁ ଚୋରା ବେପାରୀମାନେ ସଂଗ୍ରହ କରି ବାହାରେ ବିକିଥାନ୍ତି। ଗିରଫ ଅଭିଯୁକ୍ତ ହେଲେ ଜିତେନ ସାମଲ। ତାଙ୍କଠାରୁ ତେଲ ଜବତ ପରେ ଉଦୟବଟ ଧାମ ପାଖରେ ଥିବା ଏକ ଚୋରା ତେଲ କାରବାର ଠାବ କରାଯାଇଛି। ସେଠାରୁ ୬୦୦ ଲିଟର ଜବତ ହୋଇଛି। କିନ୍ତୁ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଓ ଅନ୍ୟ ଦିଗ ଉପରେ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

## ବିପଦରେ ମହାନଦୀ ମୁହାଣ ଉପକଣ୍ଠ


ମହାନଦୀ ମୁହାଣରେ ବାଲି, ପଟୁମାଟି ଜମି ପଠା ସୃଷ୍ଟି ହୋଇଛି।

- ଜମୁଛି ବାଲି, ପଟୁମାଟି
- ବାଧକ ସାଜିଛି ବନ୍ୟାଜଳ ନିଷ୍କାସନ
- ପ୍ରସ୍ତାବ ରହିଛି ନଦୀଭିତ୍ତିକ ବନ୍ଦର ନିର୍ମାଣ ଯୋଜନା

ମହାକାଳପଡ଼ା,୩୧।୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବଙ୍ଗୋପସାଗର ସଂଲଗ୍ନ ଉପକଣ୍ଠ ମହାନଦୀ ମୁହାଣ ଉପକଣ୍ଠରେ ବାଲି ଓ ପଟୁମାଟି ଜମୁଛି। ଏହାଦ୍ୱାରା ବନ୍ୟାଜଳ ସମୁଦ୍ରକୁ ନିଷ୍କାସନ ହେଉନାହିଁ। ଉପର ମୁଣ୍ଡରୁ ବନ୍ୟାଜଳରେ ଗଡ଼ି ଆସୁଥିବା ବାଲି, ପଟୁମାଟି ଜମିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମୁଦ୍ର ମୁହାଣଠାରୁ ୩ କିମି ଦୂର ବାହାକୁଦ ଗାଁ ଫେରିଘାଟ ପର୍ଯ୍ୟନ୍ତ ବାଲି, ପଟୁମାଟି ଜମି କୁଦ ବା ପଠା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ମାଛଧରା ଡଙ୍ଗା, ଟ୍ରଲର, ଫେରିଘାଟ ଡଙ୍ଗା ଚଳାଚଳରେ ବିପଦ ସହ ଦୁର୍ଘଟଣା ଘଟୁଛି। ଅପରପକ୍ଷେ ମହାନଦୀର ଅପରପାର୍ଶ୍ୱରେ ପାରାଦୀପ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଓ ଅନ୍ୟ ସାମଗ୍ରୀ ନଦୀରେ ଜମିଥାଏ। ଆଗାମୀଦିନରେ ଏହି ଅଞ୍ଚଳ ନିକଟ ଆଖଡାଶାଳୀ ଗାଁ ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ନଦୀଭିତ୍ତିକ ବନ୍ଦର ନିର୍ମାଣ ପାଇଁ ଯୋଜନା ରହିଛି। ଏହି ଅଞ୍ଚଳରେ ବନ୍ଦର ନିର୍ମାଣ କାର୍ଯ୍ୟକାରୀ ହେଲେ କୁଦ ବା ବାଲିପଠାରେ ବିପଦ ଦେଖାଦେବ। ତୁରନ୍ତ ଏହି ଅଞ୍ଚଳରେ ଅତ୍ୟାଧୁନିକ ମେଶିନ ଦ୍ୱାରା ଡ୍ରେଜିଂ ବା ଖନନ କରାଯିବାକୁ ଦାବି ହେଉଛି। ଅପରପକ୍ଷେ ଏହି ନଦୀରେ ପୂର୍ବରୁ ସାମୁଦ୍ରିକ ମାଛ ପ୍ରଚୁର ମିଳୁଥିଲା। ମାଛ, କଙ୍କଡ଼ା, ମଗର, ଶାଙ୍କୁଚ ଆଦି ହ୍ରାସ ପାଇବା ସହ ମତ୍ସ୍ୟଜୀବୀଙ୍କ ବ୍ୟବସାୟ କମିଥିବା ବାହାକୁଦ ଗାଁର ବହୁ ମତ୍ସ୍ୟଜୀବୀ କହିଛନ୍ତି। ମହାନଦୀ ବାଲିପଠାରେ ସାଧାରଣତଃ ଶୀତଦିନେ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ। ସୂଚନାଯୋଗ୍ୟ, ଏହି ସ୍ଥାନରେ ବନ୍ଦର ନିର୍ମାଣ କ୍ଷେତ୍ର ପରିଦର୍ଶନ ପାଇଁ ରାଜ୍ୟ ପ୍ରାକ୍ତନ ମୁଖ୍ୟ ସଚିବ, ବାଣିଜ୍ୟ ସଚିବ, ୫–ଟି ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ, ଜିଲାପାଳଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ପରିଦର୍ଶନରେ ଆସି ସନ୍ତୋଷ ବ୍ୟକ୍ତ କରିଥିବା କୁହାଯାଇଛି। ଏହି ଅଞ୍ଚଳର ସମସ୍ୟା ପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ପରିବେଶପ୍ରେମୀ ଦାବି କରିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ନାଉଗାଁ,୩୧।୧(ସ୍ୱ.ପ୍ର.)

ନାଉଗାଁ ଥାନା ଅଞ୍ଚଳର ଜଣେ ୯ ବର୍ଷର ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ରବିବାର ରାତିରେ ଲିଖିତ ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ମୁତାବକ ତାଙ୍କ ଝିଅ ଚିନି ପାଇଁ ନିକଟସ୍ଥ ଦୋକାନକୁ ଯାଇଥିଲେ। ସେହି ସମୟରେ ଜଣେ ବ୍ୟକ୍ତି ତାକୁ ବାଇକ୍‌ରେ ବସାଇ ନେଇଥିଲେ। ନାବାଳିକାଙ୍କୁ ଚକୋଲେଟ ଦେବା ସହ କଅଁଳ କଥା କହି ବାରିକୁ ନେଇ ଅସଦାଚରଣ କରିଥିଲେ। ଏହି ସମୟରେ ନାବାଳିକା ଜଣକ ଚିତ୍କାର କରିବାରୁ ସାଙ୍ଗମାନେ ସେଠାକୁ ଯିବାରୁ ଅସଦାଚରଣ କରୁଥିବା ବ୍ୟକ୍ତି ଜାଗା ଛାଡି ପଳାଇଥିଲେ। ଏ ବିଷୟରେ ନାବାଳିକା ଜଣକ କାନ୍ଦିକି ସବୁ ବାପାଙ୍କୁ କହିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଥାନା ଅଧିକାରୀ ଭରତ କୁମାର ବେହେରା ଯାଇ ତଦନ୍ତ ଚଳାଇ କହିଛନ୍ତି।

## କଂଗ୍ରେସରେ ଯୋଗଦେଲେ ୧୦ ପରିବାର

ରାଜନଗର,୩୧।୧(ଡି.ଏନ.ଏ.)

ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ଚାରିପୋଖରିଆ ଗାଁର ୧୦ ପରିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ଭିତରଗଡଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ସମେତ ନୃସିଂହ ପାତ୍ର, ଶୁକଦେବ ପ୍ରଧାନ, ଅଲେଖ ବାରିକ, ଅରକ୍ଷିତ ପ୍ରଧାନ, ଉପେନ୍ଦ୍ର ବାରିକ, ଲକ୍ଷ୍ମୀଧର ବାରିକ, ବ୍ରଜ କିଶୋର ବାରିକ, ଅମର ପାତ୍ର, ଉତ୍ତମ ବାରିକ, ସର୍ବେଶ୍ୱର ବାରିକ ପ୍ରମୁଖ କଂଗ୍ରେସରେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ମୋହନ କୁମାର ଦାସ, କଂଗ୍ରେସ ନେତା ଗଗନ ବଳ, ବନମାଳୀ ପ୍ରଧାନ, ପଞ୍ଚାୟତ କଂଗ୍ରେସ ସଭାପତି ବସନ୍ତ ଦାସ, ନନ୍ଦ କିଶୋର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ପାନୀୟଜଳ, ଜଳସେଚନ ମୁଖ୍ୟ ସମସ୍ୟା

**ବିଲିକଣା ପଞ୍ଚାୟତ**

ପଟ୍ଟାମୁଣ୍ଡାଇ, ୩୧।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବିଲିକଣା ପଞ୍ଚାୟତରେ ପାନୀୟଜଳ, ଜଳସେଚନ ଓ ଜଳ ନିଷ୍କାସନ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି। ପଞ୍ଚାୟତ ପକ୍ଷରୁ ସାମଗ୍ରିକ ବିକାଶ ପାଇଁ କେତେକ ପଦକ୍ଷେପ ନିଆଯାଇଛି। ଏହି ପଞ୍ଚାୟତରେ ପାର୍କ, ଖେଳପଡିଆ, ପାଠାଗାର, ମାର୍କେଟ କମ୍ପ୍ଲେକ୍ସ, ଗାଧୁଆ ତୁଠ, ପୋଖରୀ ପୁନରୁଦ୍ଧାର, ବିଦ୍ୟାଳୟ ପ୍ରାଚୀର, ଅଙ୍ଗନୱାଡି ଗୃହ, ଶ୍ମଶାନ ଗୃହ ନିର୍ମାଣ ସହ ସାମାଜିକ ବନୀକରଣ କରାଯାଇଛି। ପଞ୍ଚାୟତ ୧୮ଟି ୱାର୍ଡକୁ ନେଇ ଗଠିତ। ଏହାର ଜନସଂଖ୍ୟା ପ୍ରାୟ ୯ ହଜାରରୁ ଉର୍ଦ୍ଧ୍ୱ। ବିକାଶପଥରେ ଆଗେଇ ଚାଲିଥିବା ବିଲିକଣା ପଞ୍ଚାୟତର ଅନେକ ସମସ୍ୟା ରହିଛି। ପଞ୍ଚାୟତ ଏକ କୃଷିପ୍ରଧାନ ଅଞ୍ଚଳ। ପଞ୍ଚାୟତରେ ଅଧିକାଂଶ ଅଧିବାସୀ କୃଷି ଉପରେ ନିର୍ଭର କରି ପରିବାର ଚଳାଇ ଥାଆନ୍ତି। ଅନେକ ଚାଷଜମି ଜଳସେଚନ ସୁବିଧାରୁ ବଞ୍ଚିତ। ଜଳସେଚନ ସହ ଚାଷଜମିରୁ ଜଳ ନିଷ୍କାସନ ଓ ପାନୀୟ ଜଳ ମଧ ପ୍ରମୁଖ ସମସ୍ୟା ରହିଛି। ସଂକୃପା, ସାତକୁଡିଆ, ଅଳତାଙ୍ଗ, ବାଲିଆପଲ୍ଲୀ, ବାଟିପଡାରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ପୁରୁଣା ତାର ଓ ଖୁଣ୍ଟ ମାଧମରେ ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ୍ ସେବା ଜାରି ରହିଛି। ବିଲିକଣା ପଞ୍ଚାୟତ ହାଇସ୍କୁଲ ଶ୍ରେଣୀଗୃହ ଭାଙ୍ଗିରୁଜି ଯାଇଥିଲେ ମଧ ମରାମତି ଓ ପୁନଃ ନିର୍ମାଣ କରାଯାଉନାହିଁ। ହାଇସ୍କୁଲ ଓ ପଞ୍ଚାୟତର ବିଭିନ୍ନ ସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ପ୍ରଭାବିତ ହେଉଛି। ପଞ୍ଚାୟତର ଗରିବ, ବୃଦ୍ଧାବୃଦ୍ଧ ଓ ବିଧବାଙ୍କୁ ରାଶନକାର୍ଡ, ଆବାସ ଓ ଭତ୍ତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପାନୀୟଜଳ ସମସ୍ୟା ଦୂର ସହ ଜଳସେଚନ, ନିଷ୍କାସନ, ବିଦ୍ୟୁତ୍ ବ୍ୟବସ୍ଥାରେ ଉନ୍ନତି ଓ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ଦିଗରେ ସରକାର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## କ୍ରିକେଟ: ବାହାଡ଼ା ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ୨ ଟିମ୍‌ର ଖେଳାଳିମାନେ।

ଖଣ୍ଡପଡ଼ା,୩୧।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ରେଡ୍ ମହାବୀର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏନ୍‌ଏସି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ବାହାଡା କ୍ରିକେଟ କ୍ଲବ୍ ୟଙ୍ଗ୍ କ୍ରିକେଟ କ୍ଲବ୍‌କୁ ୫ ଉଇକେଟରେ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି। ୟଙ୍ଗ୍ କ୍ରିକେଟ କ୍ଲବ୍ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ ବାହାଡା ଟିମ୍ ୧୯ ଓଭରରେ ୫ ଉଇକେଟ ହରାଇ ୧୭୦ ରନ କରି ଚାମ୍ପିୟନ ହୋଇଛି। ବିଜେତା ଟିମ୍‌ର ମନୋଜ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ବେଷ୍ଟ ବୋଲର ଭାବେ ମୁକେଶ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ଗ୍ରହଣ କରିଥିଲେ। ଆଶିଷ କୁମାର ଦାସ ଓ କ୍ଷୀରୋଦ କୁମାର ପୃଷ୍ଟି ଖେଳ ପରିଚାଳନା କରିଥିଲେ। ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ୟୁକୋ ବ୍ୟାଙ୍କ ଖଣ୍ଡପଡା ଶାଖାର ପରିଚାଳକ ସନ୍ଦିପ କୁମାର ନାୟକ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ୫୦୦୧ଟଙ୍କା ଓ ରନର୍ସ ଅପ୍ ଟିମ୍‌କୁ ୩୦୦୧ଟଙ୍କା ପ୍ରଦାନ କରିଥିଲେ। ପୂର୍ବତନ କାଉନସିଲର ସରୋଜ କୁମାର ପ୍ରଧାନ ଓ ଟୁର୍ନାମେଣ୍ଟର ଆୟୋଜକ ସମରେନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୭ ବର୍ଷ ବିତିଲା, କ୍ରୀଡ଼ା ପ୍ରଶିକ୍ଷଣାଙ୍ଗନ କାମ ସରିଲା ନାହିଁ

ନୟାଗଡ଼ ଅଫିସ,୩୧।୧

ଆଜିକୁ ୭ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୟୁଜିସି ଅନୁଦାନପ୍ରାପ୍ତ ଅନ୍ତଦ୍ୱାର କ୍ରୀଡ଼ା ପ୍ରଶିକ୍ଷଣାଙ୍ଗନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି କାମ ଶେଷ ହୋଇପାରିନାହିଁ। ୭୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପ୍ରକଳ୍ପ ପାଇଁ ୟୁଜିସି ପକ୍ଷରୁ ୫୦ ପ୍ରତିଶତ ଅର୍ଥ ଅଗ୍ରିମ ପ୍ରଦାନ କରାଯାଇଥିଲା। ଏଥିପାଇଁ ୟୁସି ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। ୟୁଜିସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପ୍ରଦାନ କରାଯାଇଥିବା ୩୫ ଲକ୍ଷ ଟଙ୍କାରୁ କେତେ ଖର୍ଚ୍ଚ କରାଯାଇଛି, ସେଥିରେ କେତେ ପ୍ରତିଶତ ନିର୍ମାଣ ଶେଷ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ। ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର କରିଥିବା ଅନ୍ତଦ୍ୱାର କ୍ରୀଡ଼ା ପ୍ରଶିକ୍ଷଣାଙ୍ଗନକୁ ମନ୍ତ୍ରୀ ଅରୁଣ ସାହୁ ତୁରନ୍ତ ଶେଷ କରିବା ପାଇଁ ଗୁରୁତ୍ୱ ଦେବା ଉଚିତ। କେବଳ ସେହି କାମ ନୁହେଁ, ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣ ସହିତ ନୟାଗଡ଼ର ବିକାଶ ପ୍ରତି ମନ୍ତ୍ରୀ ଧ୍ୟାନ ଦିଅନ୍ତୁ ବୋଲି ସେ କହିଛନ୍ତି।

## ଜିଲା ବିଜେଡି ବୈଠକରେ ମେଡିକାଲ କଲେଜ ପ୍ରସ୍ତାବ

କେନ୍ଦ୍ରାପଡ଼ା ଅଫିସ,୩୧।୧

କେନ୍ଦ୍ରାପଡ଼ା ଜିଲା ବିଜେଡିର କାର୍ଯ୍ୟକାରିଣୀ ବୈଠକ ସହରର ଇଚ୍ଛାପୁରସ୍ଥ ଏକ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉତ୍କଳ କେଶରୀ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମେଡିକାଲ କଲେଜ ଓ ହସ୍ପିଟାଲ ସହ ୧୧ଟି ରାଜନୈତିକ ପ୍ରସ୍ତାବ ପାରିତ ହୋଇଛି। ବୈଠକରେ ଏମ୍‌ପି ଅନୁଭବ ମହାନ୍ତି ଯୋଗ ଦେଇ ନ ଥିଲେ। ତେବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗ ଦେଇଥିଲେ। ଦଳୀୟ ବୈଠକରେ ଦେଶର ୧ ନଂ. ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଦିଆଯାଇଥିଲା। ସେହିପରି କୋଭିଡ୍ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ରକ୍ତ ଓ ପ୍ଲାଜ୍‌ମା ଦାନ କାର୍ଯ୍ୟକ୍ରମ, ଭାରତୀୟ ସମ୍ବିଧାନ ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନ ଦେବାକୁ ଗୁରୁତ୍ୱ ଦିଆଯାଇଥିଲା। ଯୁବବର୍ଗଙ୍କୁ କର୍ମନିଯୁକ୍ତି, ମିଶନ ଶକ୍ତିକୁ ଅଧିକ ଶକ୍ତିଶାଳୀ କରିବା, ଚାଷୀଙ୍କୁ ସର୍ବନିମ୍ନ ସହାୟକ ଅର୍ଥ ପ୍ରଦାନ କରିବା, ମେଗା ଜଳ ଯୋଗାଣ ମାଧମରେ ସବୁ ପରିବାରକୁ ସାମିଲ କରିବା, ଶିଳ୍ପ ଓ ପର୍ଯ୍ୟଟନର ଭିତ୍ତିଭୂମି ବିକାଶ ଆଦି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବଗୁଡିକ ଜିଲା ଉପସଭାପତି ଦେବଦାଶ ମହାନ୍ତି, ସମ୍ପାଦକ ରଞ୍ଜିତ ସାହୁ, ଯୁବ ବିଜେଡି ସଭାପତି ରାଜେଶ ଦାଶ, ଶୁଭାଶିଷ ମହାନ୍ତି, ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥାପନ ଓ ସମର୍ଥନ କରିଥିଲେ। ବୈଠକରେ ଜିଲାର ସମସ୍ତ ବ୍ଲକ ଅଧକ୍ଷ, ଦଳୀୟ ଜିଲା ପରିଷଦ ସଭ୍ୟାସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ମୁଠି ଚାଉଳରେ ଜଙ୍ଗଲ ସୁରକ୍ଷା

ନୟାଗଡ଼ ଅଫିସ,୩୧।୧


ଗ୍ରାମବାସୀ ଜଙ୍ଗଲକୁ ସଫା କରୁଛନ୍ତି।

ଆଦିବାସୀଙ୍କ ଜଙ୍ଗଲ ସୁରକ୍ଷା ଯୋଗୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ସମ୍ପଡ଼ା ଓ ଷଣ୍ଢମରା ଗାଁ ପାଖରେ ପୁଣି ନୂଆ ଜଙ୍ଗଲ ସୃଷ୍ଟି ହୋଇପାରିଛି। ଦୁଇ ଉଜୁଡା ଜଙ୍ଗଲ ଜୀବନ୍ୟାସ ପାଇଛି। ଏବେ ସେହି ଜଙ୍ଗଲ ସବୁଜିମାରେ ପୂରି ଉଠିଛି। ଆଦିବାସୀଙ୍କ ଏହି ଜଙ୍ଗଲ ସୁରକ୍ଷାର ବାର୍ତ୍ତା ଅନ୍ୟମାନଙ୍କ ପାଇଁ ପ୍ରେରଣା ଦେଇଛି।

ଷଣ୍ଢମରା ଓ ସମ୍ପଡ଼ା ଗାଁ ନିକଟରେ ରହିଛି ହାତୀମୁଣ୍ଡ ଜଙ୍ଗଲ। ପ୍ରାୟ ୩୦ ବର୍ଷ ତଳେ ସେହି ଜଙ୍ଗଲ ଶାଳଗଛରେ ପୂରି ରହିଥିଲା। ହେଲେ କାଠ ମାଫିଆମାନେ ଧୀରେ ଧୀରେ ସେହି ଜଙ୍ଗଲକୁ ପଦା କରି ଦେଇଥିଲେ। ଏପରି ସ୍ଥିତି ଦେଖି ଦୁଇ ଗାଁର ଆଦିବାସୀମାନେ ଜଙ୍ଗଲ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲେ। ଉଭୟ ଗାଁରେ ଏଥିପାଇଁ ବୈଠକ ବସିଲା। ଗାଁ ଲୋକ ଜଙ୍ଗଲ ଜଗିବାକୁ ସହମତି ପ୍ରକାଶ କରିବା ପରେ ପରିବାର ପିଛା ମୁଠେ ଲେଖାଏ ଚାଉଳ ଆଦାୟ କରାଗଲା। ଦୁଇ ଗାଁର ୪ଜଣ ଲୋକ ପାଳି କରି ଜଙ୍ଗଲକୁ ସୁରକ୍ଷା ଦେଲେ। ସଂଗ୍ରହ କରାଯାଉଥିବା ମୁଠି ଚାଉଳକୁ ବିକ୍ରି କରି ଯାହା ମିଳୁଥିଲା ତାହା ଜଙ୍ଗଲ ସୁରକ୍ଷା ପାଇଁ ଖର୍ଚ୍ଚ କରାଯାଉଥିଲା। ପ୍ରଥମେ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଥିଲା। ଆଦିବାସୀମାନେ ଭୟ ନ କରି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଧୀରେ ଧୀରେ ସେହି ଜଙ୍ଗଲରୁ କାଠ ମାଫିଆଙ୍କ ଅଧିକାର ହଟିଥିଲା। ଏବେ ଷଣ୍ଢମରାରେ ୧୭୭ ହେକ୍ଟର ଓ ସମ୍ପଡ଼ାରେ ୧୫୦ ହେକ୍ଟର ଜଙ୍ଗଲରେ ଶାଳଗଛ ଠିଆ ହୋଇଛି।

ଷଣ୍ଢମରା ଓ ସମ୍ପଡ଼ା ଗାଁରେ ବସବାସ କରୁଥିବା ଆଦିବାସୀଙ୍କ ନିଜସ୍ୱ ଜମି ନାହିଁ କହିଲେ ଚଳେ। ସେମାନେ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି। ଘରର ମହିଳାମାନେ ଜଙ୍ଗଲରୁ ଶାଳପତ୍ର ଆଣି ଖଲି ତିଆରି କରନ୍ତି। ଜଙ୍ଗଲର ଶୁଖିଲା କାଠ ବିକ୍ରି କରିଥାନ୍ତି। ଶୁଖିଲା କାଠ ବି ଜାଳେଣି ପାଇଁ ବ୍ୟବହୃତ ହୁଏ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଷଣ୍ଢମରାର ପ୍ରମୋଦ ପ୍ରଧାନ ଓ ସମ୍ପଡ଼ା ଗାଁର ନରେନ୍ଦ୍ର ବେହେରା କୁହନ୍ତି, ଷଣ୍ଢମରାରେ ୨୦ ପରିବାରର ୧୦୦ ଓ ସମ୍ପଡ଼ାରେ ୧୭ ପରିବାରର ୭୬ ଲୋକ ବାସ କରନ୍ତି। ସବୁ ଲୋକ ଜଙ୍ଗଲ ସୁରକ୍ଷାରେ ଲାଗି ପଡିଛନ୍ତି। ଜଙ୍ଗଲ ବଢ଼ିବା ପରେ ୨ଜଙ୍ଗଲକୁ ବନ ସୁରକ୍ଷା ସମିତିରେ ସାମିଲ କରାଯାଇଛି। ହେଲେ ସୁଫଳ ମିଳୁନାହିଁ। କେବଳ କାଗଜକଲମରେ ଆମ ଜଙ୍ଗଲ ବନ ସୁରକ୍ଷା ସମିତିରେ ରହିଛି ବୋଲି ଉଭୟ କହିଛନ୍ତି।

## ଠକେଇ, ଜମି ଦଲାଲ ଗିରଫ

ନୟାଗଡ ଅଫିସ: ଠକେଇ ଅଭିଯୋଗରେ ନୟାଗଡ ଜିଲା ନୂଆଗାଁ ଥାନା ପୋଲିସ ନଇତଇଲା ଗାଁର ଜମି ଦଲାଲ ତ୍ରିଲୋଚନ ପାଣିଙ୍କୁ ଗିରଫ କରିଛି । ତ୍ରିଲୋଚନ ନୟାଗଡ ଟାଉନ ଥାନା ଦେବୋତ୍ତର କଲୋନୀର ତପନ କୁମାର ପଣ୍ଡାଙ୍କଠାରୁ ଜମି ବିକ୍ରି କରିବା ପାଇଁ ୭ ଲକ୍ଷ ୭୦ ହଜାର ଟଙ୍କା ବଣ୍ଡ ସାଇନ କରି ନେଇଥିଲେ । ହେଲେ ଜମି ବିକ୍ରି କଲେ ନାହିଁ କି ଟଙ୍କା ଫେରାଇଲେ ନାହିଁ । ବରଂ ଗାଳିଗୁଲଜ କଲେ । ଏପରି କି ସ୍ତ୍ରୀଙ୍କ ଦ୍ୱାରା ବଳାତ୍କାର ମାମଲା ରୁଜୁ କରିବାକୁ ଧମକ ଦେଲେ । ଶେଷରେ ତପନ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୧୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

## ସଂକ୍ଷେପରେ

### ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରିଣୀ

ନୟାଗଡ ଅଫିସ,୩୧ା୧:ନୟାଗଡ ଦଳୀୟ କାର୍ଯ୍ୟାଳୟରେ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରମେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ନୟାଗଡ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ କହିଥିଲେ, ଜିଲାକୁ ବିଭିନ୍ନ କ୍ଷେତ୍ରରେ ୧ନଂ. କରାଅ। ଗାଁରେ ଶାନ୍ତି ଶୃଙ୍ଖଳା ରଖ, ଯୁବକମାନଙ୍କ ସହ ଭଲ ସମ୍ପର୍କ ରଖ, ସାଧାରଣ ଲୋକଙ୍କ ସହ ମିଶି ଦଳୀୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସଚେତନତା କରାଅ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବିଜେଡି ଜୋନ ସଭାପତି ବିଜୟ କେତନ ସାହୁ, ନୟାଗଡ ପର୍ଯ୍ୟବେକ୍ଷକ ଶୁଭାଶିଷ ଖୁଣ୍ଟିଆ, ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ଦୁର୍ଯ୍ୟୋଧନ ସାହୁ, ବ୍ଲକ ସଂଯୋଜକ ମନୋଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନୟାଗଡ ଅଫିସ,୩୧ା୧: ନୟାଗଡ ଟାଉନ ଥାନା ରାମେଶ୍ୱର ସାହିରେ ନିରଞ୍ଜନ ସ୍ୱାଇଁ(୩୮) ନାମକ ଯୁବକ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଏକ ମାମଲା(ନଂ.୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନିରଞ୍ଜନଙ୍କ ଘର ବୋଦାପଡା ଗାଁରେ। ସେ ରାମେଶ୍ୱରସାହିରେ ଭଡାରେ ରହୁଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କମ୍ପ୍ରେସର ମେଶିନ ଜବତ, ଜଣେ ଗିରଫ

ରସୁଲପୁର,୩୧ା୧(ଡି.ଏନ.ଏ.): କୁଆଖିଆ ଥାନା ମୁଗୁପାଳ ଗ୍ରାମର ଅଶୋକ ଜେନାଙ୍କୁ ତେଲେଙ୍ଗାନା ପୋଲିସ ଗିରଫ କରିବା ସହ ତାଙ୍କଘରୁ ଏକ କମ୍ପ୍ରେଶର ମେଶିନ ଜବତ କରିଛି। ଉକ୍ତ ମେଶିନଟି ଜଣେ ଠିକାଦାରଙ୍କ ବୋଲି ପୋଲିସ କହିଛି। ୨ ମାସ ତଳେ ମଧ୍ୟପ୍ରଦେଶର ବାଲମୁକୁନ୍ଦ ତେଲେଙ୍ଗାନାରେ ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିଲେ। ଠିକାସଂସ୍ଥା ବାଲମୁକୁନ୍ଦଙ୍କୁ ପାଉଣା ଦେବାରେ ବିଳମ୍ବ କରିବାରୁ ସେ ଠିକାସଂସ୍ଥାର ମେଶିନକୁ ଆଣି ଅଶୋକଙ୍କ ଘରେ ରଖିଥିଲେ। ଠିକାସଂସ୍ଥା ଅଭିଯୋଗ କରିବା ପରେ ପୋଲିସ ବାଲମୁକୁନ୍ଦଙ୍କୁ ଗିରଫ କରିଥିଲା। ପରେ କୁଆଖିଆ ପୋଲିସ ସହାୟତାରେ ଅଶୋକଙ୍କ ଘରେ ପହଞ୍ଚିଥିଲା।

# ଗ୍ରୀଷ୍ମରେ ଜଳସଙ୍କଟ ଆଶଙ୍କା

**ଶୁଖିଲା ପଡ଼ିଛି ବ୍ରାହ୍ମଣୀ**

- ନଦୀ ଶଯ୍ୟା ଖନନ ପାଇଁ ଦୁଇ ବିଧାୟକଙ୍କୁ ପତ୍ର
- ଦାଦନ ଖଟିବାକୁ ଗଲେଣି ମତ୍ସ୍ୟଜୀବୀ

ବରୀ,୩୧ା୧(ଡି.ଏନ.ଏ.)

ବ୍ରାହ୍ମଣୀ ନଦୀ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଜେନାପୁରଠାରୁ ବାହାରି ବରୀ ବ୍ଲକ୍ କଳାମାଟିଆ ପଞ୍ଚାୟତର କାଇପଡ଼ାରେ ଶେଷ ହୋଇଛି। ବରୀ ବ୍ଲକ୍ ଦେଇ ଯାଇଥିବା ଏହି ନଦୀର ଶଯ୍ୟା ଖନନ କରା ନ ଯିବା ଯୋଗୁ ସ୍ଥାନେ ସ୍ଥାନେ ବାଲୁକାସ୍ତୁପ ଓ କାଶତଣ୍ଡୀ ବୁଦା ସୃଷ୍ଟି ହୋଇଛି। ଫଳରେ ନଦୀ ଜଳ ପ୍ରବାହିତ ହେବାରେ ବାଧା ସୃଷ୍ଟି ହେଉଛି। ଅନ୍ୟପଟେ ନଦୀଶଯ୍ୟା ଶୁଖିଲା ପଡିଥିବାରୁ ଭୂତଳ ଜଳସ୍ତର କ୍ରମଶଃ ହ୍ରାସପାଉଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଜଳସଙ୍କଟ ଦେଖାଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ବରୀ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ କମିଟି ପକ୍ଷରୁ ସଭାପତି ଲୋକନାଥ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗଗନ ବିହାରୀ ଜେନା, ପ୍ରାକ୍ତନ ଧର୍ମଶାଳା ଅଧ୍ୟକ୍ଷ କିଷାନ ପଣ୍ଡା, ବିଷ୍ଣୁଚରଣ ମହାନ୍ତି,


ବ୍ରାହ୍ମଣୀ ନଦୀ ଶୁଖିଲା ପଡ଼ିଛି।

ରଘୁନାଥ ଜେନା, ବସନ୍ତ ପରିଡ଼ା ପ୍ରମୁଖ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ପତ୍ର ଲେଖି ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଗତ ୧୮ ତାରିଖରେ ଯାଜପୁର ଜିଲା ଉନ୍ନୟନ, ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକରେ ସରକାରୀସ୍ତରରେ ବ୍ରାହ୍ମଣୀକୁ ଚିରସ୍ରୋତା କରିବା କ୍ଷେତ୍ରରେ ଜଳ ସମ୍ପଦ ବିଭାଗ ପଦକ୍ଷେପ ନେଉଛି ବୋଲି ଉପସ୍ଥିତ ଅଧିକାରୀ ମତ ରଖିଥିଲେ। ତେବେ ସରକାରଙ୍କ ତରଫରୁ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ ବୋଲି କମିଟି ଅଭିଯୋଗ କରିଛି। ଅନ୍ୟପକ୍ଷରେ ନଦୀ ନିକଟବର୍ତ୍ତୀ ଗ୍ରାମଗୁଡିକ କୂପ କିମ୍ବା ନଳକୂପ ଖନନ ଲାଗି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏତଦ୍‌ବ୍ୟତୀତ ଏହି ନଦୀର ଜଳ ଉପରେ ନିର୍ଭର କରି କୃଷି କାର୍ଯ୍ୟ କରୁଥିବା ସ୍ୱାଇଁଖଣ୍ଡ, ସାହୁପଡ଼ା, ମନ୍ଦାରୀ, ଇଶାଣପୁର, ସେରପୁର, ବାଇଁଶ୍ରୀଆ ସମେତ ପ୍ରାୟ ୨୨ ପଞ୍ଚାୟତର କୃଷକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମତ୍ସ୍ୟଜୀବୀ ମଧ୍ୟ ଏହି ନଦୀରୁ ମାଛଧରି ପରିବାର ପ୍ରତିପୋଷଣ କରିଥାନ୍ତି। କ୍ରମଶଃ ନଦୀଶଯ୍ୟା ପୋତିହୋଇଯାଇଥିବାରୁ ମତ୍ସ୍ୟଜୀବୀ ଜୀବିକା ନିର୍ବାହ ପାଇଁ ଗାଁଛାଡ଼ି ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ଅଗଷ୍ଟ ମହାବନ୍ୟାରେ ଏହି ନଦୀର ବାମ ଓ ଦକ୍ଷିଣ ପାର୍ଶ୍ୱରେ ୧୨ଟି ଘାଇ ସୃଷ୍ଟି ହେବା ଯୋଗୁ ବରୀ ଅଞ୍ଚଳରେ ଭୟାନକ ଅବସ୍ଥା ସୃଷ୍ଟି ହୋଇଥିଲା। ମାତ୍ର ବର୍ଷର ପ୍ରଥମ ମାସରୁ ନଦୀ ଶୁଖିଗଲାଣି। ଆଗାମୀ ଦିନରେ ଏହା କୃଷି, ପାନୀୟ ଜଳ ଓ ପରିବେଶ ଉପରେ ପ୍ରଭାବ ପକାଇବ ବୋଲି ପରିବେଶବିତ୍ ମତପୋଷଣ କରିଛନ୍ତି।

# ରାଜ୍ୟସ୍ତରୀୟ ବ୍ରାହ୍ମଣ ମହାସମ୍ମିଳନୀ

ପାଣିକୋଇଲି,୩୧ା୧(ଡି.ଏନ.ଏ.)

ଶଙ୍ଖଚିଲେଶ୍ୱରୀ ମା’ ହିଙ୍ଗୁଳା ପୀଠରେ ରବିବାର ବିଶ୍ୱଶାନ୍ତି ସପ୍ତସତୀ ଚଣ୍ଡୀ ମହାଯଜ୍ଞ ଓ ରାଜ୍ୟସ୍ତରୀୟ ବ୍ରାହ୍ମଣ ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଶତାଧିକ ବୈଦିକ ବ୍ରାହ୍ମଣ ଯୋଗ ଦେଇଥିଲେ। ମା’ଙ୍କ ଯଜ୍ଞକାର୍ଯ୍ୟରେ ୧୦୮ ବ୍ରାହ୍ମଣ ଯୋଗଦେଇ ଚଣ୍ଡି ପାଠ ସହିତ ଆହୁତି ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥା ଏବଂ ଓଡ଼ିଶା ବ୍ରାହ୍ମଣ ସମିତି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ପଣ୍ଡିତ ଅରୁପାନନ୍ଦ କର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସତ୍ୟାନନ୍ଦ ଦାସ ମହାରାଜ, ମୁକ୍ତିମଣ୍ଡପ ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ରାଜେନ୍ଦ୍ର ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ବ୍ରାହ୍ମଣ ସମାଜର ନୀତି, ଆଦର୍ଶ ଓ ସେମାନଙ୍କ ବିବିଧ ସମସ୍ୟା ଉପରେ ଆଲୋକପାତ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ପାଣିକୋଇଲି ଥାନା ଧିକାରୀ ଚକ୍ରପତି କହଁର, ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା।


ସପ୍ତସତୀ ଚଣ୍ଡୀ ମହାଯଜ୍ଞରେ ଯୋଗଦେଇଥିବା ବୈଦିକ ବ୍ରାହ୍ମଣମାନେ।

# ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ

- ନୂଆଗାଁ ପଞ୍ଚାୟତ ସମିତି ବୈଠକ
- ଆଧାର କାର୍ଡ ଲିଙ୍କ୍ କରାଅ
- ପୌଷ୍ୟ ସ୍କୁଲ ତାଲିକା ଘୋଷଣା

ନୟାଗଡ ଅଫିସ,୩୧ା୧

ନୟାଗଡ ଜିଲା ନୂଆଗାଁ ବ୍ଲକ୍‌ର ଏକାଦଶ ପଞ୍ଚାୟତ ସମିତି ବୈଠକ ଆଦବାସୀ ବହୁଳ ଗୁମି ପଞ୍ଚାୟତ ବଡକୋଳା ଫରେଷ୍ଟ ଡାକବଙ୍ଗଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଶପଲ୍ଲା ବିଧାୟକ ରମେଶ କୁମାର ବେହେରା ଯୋଗ ଦେଇଥିଲେ। ନୂଆଗାଁ ବ୍ଲକ ଅଞ୍ଚଳରେ ଶୀତଋତୁରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକର ପାରାଡ଼ିପି, ନୂଆଗାଁ, ମାଇଛେଳି, ବାହାଡାଖୋଲା, ମହିପୁର, ଢ଼େଙ୍କେଣା ପରି ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଅଚଳ ପ୍ରକଳ୍ପ ଗୁଡିକୁ ତୁରନ୍ତ ମରାମତି କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଅନ୍ୟପକ୍ଷେ ଆଧାରକାର୍ଡ ଲିଙ୍କ୍ ହେଉ ନ ଥିବାରୁ ହିତାଧିକାରୀଙ୍କ ରାଶନ କାର୍ଡ କଟି ଯାଉଛି। ମୋବାଇଲ ଟାୱାର ଅଧିକାଂଶ ଗାଁରେ ନ ଥିବାରୁ ରାଶନ କାର୍ଡ ହିତାଧିକାରୀଙ୍କ ଆଧାର କାର୍ଡ କଟି ଯାଉଛି। ସଭ୍ୟଙ୍କ କ୍ଷୋଭକୁ ଦେଖି ବିଧାୟକ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କହିଥିଲେ ଭ୍ରାମ୍ୟମାଣ ଭ୍ୟାନ ଯୋଗେ ଅଥବା ନିଜେ କ୍ୟାମ୍ପ କରି ଲୋକଙ୍କ ଆଧାର କାର୍ଡ ଲିଙ୍କ୍ କରାଅ। ଏଥିରେ ଅବହେଳା କଲେ ସଂପୃକ୍ତ ଅଧିକାରୀ,କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କ୍ଷୁଦ୍ର ଜଳସେଚନ ବିଭାଗର ଅଧାପନ୍ତରିଆ ପ୍ରକଳ୍ପ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ।

ପଞ୍ଚାୟତରେ ଥିବା ପ୍ରାଥମିକ ସ୍କୁଲକୁ ସରପଞ୍ଚ ଓ ହାଇସ୍କୁଲକୁ ସମିତି ସଭ୍ୟମାନେ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରି ତାର ବିକାଶ ପାଇଁ କାର୍ଯ୍ୟ କରିବେ। କିଏ କେଉଁ ସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିବେ ବୈଠକରେ ଘୋଷଣା ହୋଇଥିଲା। ବିଧାୟକ ରମେଶ କୁମାର ବେହେରା ମହିପୁର ହାଇସ୍କୁଲ, ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ ଡିମିରିଝରୀ ହାଇସ୍କୁଲ, ଏମ୍‌ପିଙ୍କ ପ୍ରତିନିଧି ବିଜୟ ସାସମଲ ନୂଆଗାଁ ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ନୂଆ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ସ୍ଥାନ ନିରୂପଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ସରପଞ୍ଚ ଓ ସମିତି ସଭ୍ୟ ଏଥିରେ ସହଯୋଗ କରିବେ। ବାହାଡାଖୋଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଏଲୋପ୍ୟାଥିକ ଡାକ୍ତର ନ ଥିବାରୁ ଜଣେ ଡାକ୍ତରଙ୍କୁ ସପ୍ତାହରେ ୩ ଦିନ କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିଭଳି ବାହାଡାଖୋଲା ନର୍ସ ପଦବୀ ପୂରଣ କରିବାକୁ ନିଷ୍ପତ୍ତି ହୋଇଛି। ସିକ୍ରିଡା, କାପ୍ତାପଲ୍ଲୀ ପରି ୩ ଗାଁରେ ୩ ହାଇସ୍କୁଲ ଖୋଲିବ। ବିଡିଓ ପ୍ରମୋଦ ଦଳବେହେରା ବୈଠକ ପରିଚାଳନା କରାଇଥିଲେ।


ପଞ୍ଚାୟତ ସମିତି ବୈଠକରେ ବିଧାୟକ ରମେଶ କୁମାର ବେହେରା ଓ ଅନ୍ୟମାନେ।

# ମୋବାଇଲ୍ ଚାଟିଂକୁ ନେଇ ହଇଚଇ

**ବିଶ୍ୱଜିତ୍ ନାୟକ ମୃତ୍ୟୁ ମାମଲା**

ସିଂହପୁର,୩୧ା୧(ଡି.ଏନ.ଏ.)

ନିର୍ବନ୍ଧ ପୂର୍ବ ଦିନ ରାତିରେ ୩୨ ବର୍ଷୀୟ ଯୁବକ ବିଶ୍ୱଜିତ୍ ନାୟକଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାକୁ ମାସ ପରେ ମାସ ବିତି ଚାଲିଛି। ହେଲେ ବିଞ୍ଝାରପୁର ପୋଲିସ ଏହି ଘଟଣା ଉପରୁ ପରଦା ହଟାଇବାରେ ବିଫଳ ହେଉଛି। ଅନ୍ୟପକ୍ଷରେ ବିଶ୍ୱଜିତ୍‌ଙ୍କ ମୃତ୍ୟୁ ହେବାର କିଛି ସମୟ ପୂର୍ବରୁ ମୋବାଇଲରେ ଚାଟିଂ କରିଥିବା କିଛି ମେସେଜ ରବିବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯାହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଏହାକୁ ବିଶ୍ୱଜିତ୍‌ଙ୍କ ପରିବାର ଭାଇରାଲ କରିଥିବା ଜଣାପଡିଛି। ଭାଇରାଲ ମେସେଜରେ ଲେଖା ଅଛି ଆରେ ତୁ ରାଗେନା ମୁଁ ଯାଉଛି। ପ୍ରତିପକ୍ଷରୁ ଉତ୍ତର ଆସିଥିଲା କିଛି କୁହନି। ବିଶ୍ୱଜିତ୍ କହିଥିଲେ, ଯାଉଛି ରହ। ପ୍ରତିପକ୍ଷରୁ ଲେଖା ଯାଇଥିଲା ତୁମ ଉପରେ ମୋର ଆଉ ବିଶ୍ୱାସ ନାହିଁ। ଏଭଳି ଚାଟିଂର ପ୍ରାୟ ୧ଘଣ୍ଟା ପରେ ବିଶ୍ୱଜିତଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ବିଞ୍ଝାରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ବିଜୟ ନାୟକଙ୍କ ଘର ଛାତ ଉପରୁ ମିଳିଥିଲା। ଘଟଣା ସମ୍ପର୍କରେ ବିଶ୍ୱଜିତଙ୍କ ମା’ସାବିତ୍ରୀ ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ନ୍ୟାୟ ପାଇଁ ପୋଲିସ ଦୁଆରକୁ ବାରମ୍ବାର ଦୌଡ଼ିଦୌଡ଼ି ସାବିତ୍ରୀ ନୟାନ୍ତ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ପୋଲିସ ଜବତ କରିଥିବା ବିଶ୍ୱଜିତ୍‌ଙ୍କ ମୋବାଇଲ ପାସୱାର୍ଡ ବଦଳିବା ଘଟଣାକୁ ନେଇ ପରିବାର ଲୋକେ ପୋଲିସ ଉପରେ ସନ୍ଦେହ ପ୍ରକଟ କରିଥିଲେ। ପୋଲିସକୁ ପ୍ରମାଣ ଯୋଗାଇ ଦିଆଯାଉଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟା ଆଗକୁ ଯାଉ ନ ଥିବା ବିଶ୍ୱଜିତ୍‌ଙ୍କ ପରିବାର ଅଭିଯୋଗ କରିଛନ୍ତି। ଭାଇଲାର ମୋବାଇଲ ଚାଟିଂକୁ ନେଇ ବିଶ୍ୱଜିତ୍‌ଙ୍କ ଦାଦା ପ୍ରଫୁଲ୍ଲ କହିଛନ୍ତି, ଘଟଣାକୁ ମାସ ପରେ ମାସ ବିତିଚାଲିଥିଲେ ମଧ୍ୟ ପୋଲିସ ପ୍ରମାଣ ପାଉନାହିଁ ବୋଲି କହୁଛି। ତେଣୁ ଲୋକେ ଦେଖନ୍ତୁ ଆଉ କିଭଳି ପ୍ରମାଣ ପାଇଲେ ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲା ଆଳି ଥାନା ପରମାନନ୍ଦପୁରର ବିଶ୍ୱଜିତ୍ ତାଙ୍କ ନିର୍ବନ୍ଧରେ ଯୋଗଦେବାକୁ ସମ୍ପର୍କୀୟ ଦାଦା ବିଞ୍ଝାରପୁର ଥାନା ସୁନ୍ଦରପୁର ଗ୍ରାମର ବିଜୟଙ୍କ ଘରକୁ ନିମନ୍ତ୍ରଣ କରିବାକୁ ଆସିଥିଲେ। ସେଠାରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା।

# ୧୦ ନଂ. ୱାର୍ଡ ସମସ୍ୟା ଅନୁଧ୍ୟାନ

ନୟାଗଡ ଅଫିସ,୩୧ା୧

ନୟାଗଡ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ନୟାଗଡ ପୌରାଞ୍ଚଳର ୧୦ନଂ. ୱାର୍ଡକୁ ରବିବାର ଯାଇ ବିଭିନ୍ନ ସମସ୍ୟା, ଅଭାବ ଅସୁବିଧା ସଂକ୍ରାନ୍ତରେ ସ୍ଥାନୀୟ ଲୋକଙ୍କୁ ପଚାରି ବୁଝିଥିଲେ । ଏଥିସହିତ ସେ ସମ୍ପୃକ୍ତ ୱାର୍ଡରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ।

# ମହାତ୍ମା ଗାନ୍ଧୀଙ୍କ ସ୍ମୃତିସଭା

ଡେରାବିଶ, ୩୧ା୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ବାରିମୂଳରେ ଥିବା ମହାତ୍ମା ଗାନ୍ଧୀଙ୍କ ସ୍ମୃତି ପୀଠରେ ଶନିବାର ବାପୁଜୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଗାନ୍ଧୀ ଫାଉଣ୍ଡେଶନ୍ ଟ୍ରଷ୍ଟ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ବରିଷ୍ଠ ଆଇନଜୀବୀ ପ୍ରତାପ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର ସଂଯୋଜକ ପ୍ରଣବ କୁମାର ଜେନା, ବାରିମୂଳ ସରପଞ୍ଚ ଶୁଦ୍ଧଦେବ ବେହେରା, ଭବାନୀ ପ୍ରସାଦ ଓଝା, ଶିକ୍ଷାବିତ୍ କସ୍ତୁରୀ ଚରଣ ପାତ୍ର ଓ ଖଗେଶ୍ୱର ନାଥ ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମ ସମୟରେ ମହାତ୍ମା ଗାନ୍ଧୀ ବାରିମୂଳ ପଡ଼ିଆରେ ଅନୁଷ୍ଠିତ ବିଶାଳ ସମାବେଶରେ ଉଦ୍‌ବୋଧନ ଦେଇଥିଲେ ବୋଲି ଅତିଥିମାନେ ବର୍ଣ୍ଣନା କରିଥିଲେ। ସେହିପରି ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ସଲାରଠାରେ ଗାନ୍ଧିଜୀ ପଦଯାତ୍ରା ସ୍ମାରକୀ ପରିଷଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ୍ ରାଜକିଶୋର ଜେନା ଅଧ୍ୟକ୍ଷତା କରିଥିଲେ। ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ବିଦ୍ୟାଧର ମୁଦୁଲି, ସମ୍ପାଦକ ଗୋପାଳ ଚରଣ ଜେନା, କୁଳମଣି ରାଉତ, କାର୍ତ୍ତିକ ଚରଣ ନାୟକ, ନିରଞ୍ଜନ ସାହୁ, ଫକୀର ମୋହନ ଦାସ, ସୁବୋଧ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଜାତିର ପିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ବାରିମୂଳ ଗାନ୍ଧୀ ସ୍ମୃତିପୀଠକୁ ଶ୍ରଦ୍ଧାସୁମନ ଅର୍ପଣ କରିବାକୁ ଆସିଥିବା ବ୍ୟକ୍ତିମାନେ।

# ରେଳ ଚଳାଚଳ ଦାବି ଜୋର ଧରିଲା

**ନୟାଗଡ଼ରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି**

ନୟାଗଡ଼ ଅଫିସ,୩୧ା୧

ନୟାଗଡ଼ ଟାଉନରୁ ପୁନର୍ବାର ରେଳସେବା ଆରମ୍ଭ କରାଯାଉ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ରେଳ ଚଳାଚଳ ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନୟାଗଡ଼ ଜିଲା ନାଗରିକ ମଞ୍ଚ, ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା, ନୟାଗଡ଼ ୱାର୍କ ଆଉଟ ଗ୍ରୁପ ଆଦି ବିଭିନ୍ନ ନାଗରିକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। କିଛିଦିନ ତଳେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖି ଶୀଘ୍ର ରେଳ ଚଳାଚଳ ପାଇଁ ଦାବି କରିଥିଲେ। ତଥାପି ଏ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ପକ୍ଷରୁ ଟ୍ରେନ୍ ଚଳାଚଳ ନେଇ ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।

କୋଭିଡ୍ ଯୋଗୁ ମାର୍ଚ୍ଚରୁ ରେଳସେବା ବନ୍ଦ ରହିଛି। ଦେଶର ଅନ୍ୟ ସ୍ଥାନରେ ଜନସାଧାରଣଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ରେଲୱେ ପକ୍ଷରୁ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନ ଚଳାଚଳ ଆରମ୍ଭ ହୋଇଛି। ରାଜ୍ୟ ସରକାର ଯାତ୍ରୀବାହୀ ବସ ଚଳାଚଳକୁ ଗତ ନଭେମ୍ବରରୁ ଅନୁମତି ପ୍ରଦାନ କରିଛନ୍ତି। ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲିସାରିଲାଣି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ପର୍ଯ୍ୟଟନସ୍ଥଳୀ ଖୋଲିଛି। ଏଭଳିସ୍ଥଳେ ଦୈନିକ ବହୁସଂଖ୍ୟକ ଯାତ୍ରୀ ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ପୁରୀକୁ ଯିବାଆସିବା କରୁଛନ୍ତି। ରେଳ ଚଳାଚଳ ହେଉ ନ ଥିବାରୁ ଯାତ୍ରୀମାନେ ବସ, ଅଟୋରିକ୍ସା, ଟ୍ୟାକ୍ସିରେ ଯିବା ଆସିବା କରୁଛନ୍ତି। ଏଥିପାଇଁ ଯାତ୍ରୀମାନେ ଖର୍ଚ୍ଚାନ୍ତ ହେବା ସହିତ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀମାନଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ରେଳ ବିଭାଗ ପକ୍ଷରୁ ନୟାଗଡ଼ରୁ ନିୟମିତ ଚାଲୁଥିବା ଟ୍ରେନ ନଂ-୧୮୪୨୩/୧୮୪୨୪ ନୟାଗଡ଼-ଭୁବନେଶ୍ୱର ସେବା ଏକ୍ସପ୍ରେସ ଏବଂ ଟ୍ରେନ ନଂ-୫୮୪୨୯/୩୦ ଓ ୫୮୪୩୧/୩୨ ନୟାଗଡ଼-ପୁରୀ ପାସେଞ୍ଜର ଟ୍ରେନ୍‌ଗୁଡ଼ିକୁ ଖୁବ୍‌ଶୀଘ୍ର ଚାଲୁ କରିବା ପାଇଁ ଦାବି ଜୋର ଧରିଛି। ଏନେଇ ନାଗରିକ ମଞ୍ଚ ପକ୍ଷରୁ ପ୍ରମୋଦ ପଟ୍ଟନାୟକ, ଅରୁଣ କୁମାର ମହାନ୍ତି, ଲକ୍ଷ୍ମୀଧର ସାହୁ, ଶେଖ ଅବଦୁଲ ଖାଲିକ, ଭାରତ ବିକାଶ ପରିଷଦ ପକ୍ଷରୁ ନିରଞ୍ଜନ ମିଶ୍ର, ପ୍ରଦୀପ କୁମାର ସାହୁ , ଉମାକାନ୍ତ ମିଶ୍ର ତଥା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ମିଶ୍ର,ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଟ୍ରେନ୍ ଚଳାଚଳ ପାଇଁ ଦାବି କରିଛନ୍ତି। ଏଥିରେ ବିଳମ୍ବ ହେଲେ ଆନ୍ଦୋଳନ ପାଇଁ ଆମେ ଏକାଠି ହେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ମହାତ୍ମା ଗାନ୍ଧୀ କୃଷକ ବଜାର ଉଦ୍‌ଘାଟିତ

ବଡ଼ଚଣା,୩୧ା୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅଧୀନ ଚମ୍ପାପୁରଠାରେ ମହାତ୍ମା ଗାନ୍ଧୀ କୃଷକ ବଜାର ଉଦ୍‌ଘାଟିତ ହୋଇଯାଇଛି। ଗାନ୍ଧୀ ପ୍ରଚାର ସମିତି ସଭାପତି ମିହିର ପ୍ରତାପ ଦାସଙ୍କ ସଭାପତିତ୍ୱରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତି ସଭାପତି ନୀଳମଣି ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀ ଓ ଚମ୍ପାପୁର ହାଟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବଜାରର ଉଦ୍‌ଘାଟନ କରିବା ସହ ଗାନ୍ଧୀ ୧୯୩୪ ମେ’୩୧ରେ ଚମ୍ପାପୁରକୁ ଆସି ରାତ୍ରି ଯାପନ କିରବା ସହିତ ଚମ୍ପାପୁର ହାଟ ସଫେଇ କରିଥିଲେ ବୋଲି କହିଥିଲେ। ତେଣୁ ଆଗାମୀ ଦିନରେ ବ୍ୟବସାୟୀଙ୍କ ପାଇଁ ଏଠାରେ ଶୌଚାଳୟ ଓ ବଜାର ଭିତରସ୍ଥାନଗୁଡ଼ିକୁ ପକ୍କା କରିବା ପାଇଁ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ମହିର ପ୍ରସାଦ ମହାନ୍ତିଙ୍କୁ ବିଧାୟକ କହିଥିଲେ। ମୁଖ୍ୟବକ୍ତା ରାଜ୍ୟ ଗାନ୍ଧୀ ପ୍ରଚାର ପ୍ରସାର କମିଟି ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ନିଜ ବକ୍ତବ୍ୟରେ ଗାନ୍ଧିଜୀଙ୍କ ଗୁଣଗାନ କରିଥିଲେ। ଅତିରିକ୍ତ ଜିଲାପାଳ ମହାନ୍ତି ତାଙ୍କ ବକ୍ତବ୍ୟରେ ବଡ଼ଚଣାବାସୀ ନୀଳମଣି ସାମଲଙ୍କ ପରି ବ୍ୟକ୍ତିଙ୍କୁ ପାଇଥିବାରୁ ନିଜକୁ ଗର୍ବ ମନେକରିବା ଦରକାର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲିକ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ମାଧବାନନ୍ଦ ମହାପାତ୍ର, ଜିନ୍ମୟ ମହାନ୍ତି, ଅମର ମହାନ୍ତି, ଗଣେଶ୍ୱର ବରାଳ, ସନ୍ତୋଷ ମହାନ୍ତି, ଦିଲୀପ ପ୍ରହରାଜ, ଦୀବକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ ବେଳେ ବାସୁଦେବ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୈଳାସ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।


ବିଧାୟକ ଜଣେ ବ୍ୟବସାୟୀଙ୍କୁ ଦୋକାନ ଚାବି ପ୍ରଦାନ କରୁଛନ୍ତି।

# ୧୦୦ ଦିନିଆ ପାଠପଢ଼ା ସଫଳ ହେବା ସନ୍ଦେହ

**କଲେଜରେ ଅଧ୍ୟାପକ ସଙ୍କଟ**

ରସୁଲପୁର,୩୧ା୧(ଡି.ଏନ.ଏ.)

କରୋନା ମହାମାରୀ ଯୋଗୁ ସ୍କୁଲ, କଲେଜ ବନ୍ଦ ରହିଥିଲା। ଏବେ ସ୍କୁଲ, କଲେଜ୍ ଖୋଲିବା ପରେ ୧୦୦ ଦିନ ପାଠ ପଢ଼ାଯାଇ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ପାଠପଢ଼ା ମଧ୍ୟ ଆରମ୍ଭ ହୋଇଗଲାଣି। ତେବେ ରସୁଲପୁର ବ୍ଲକ ଅଧୀନ କେତେକ କଲେଜରେ ଅଧ୍ୟାପିକାଅଧ୍ୟାପକ ସଙ୍କଟ ରହିଛି। ଏହାଦ୍ୱାରା ୧୦୦ ଦିନ ପାଠପଢ଼ା ସଫଳ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବ୍ଲକ ଅଧୀନରେ ୪ କଲେଜ ରହିଛି। ସେଥିମଧ୍ୟରେ ମୁଗୁପାଳ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ, କଲଣ ମଧୁପୁର କଲେଜ ଓ ବ୍ରହ୍ମବରଦା ଡିଗ୍ରୀ କଲେଜ ରହିଥିବା ବେଳେ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକମାତ୍ର ଯୁକ୍ତ ୨ କଲେଜ ରହିଛି। ଏଦିଗରେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉଦାହରଣ ଭାବେ ନିଆଯାଇ ପାରେ। ଏଠାରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟରେ ୪୪୪ ଛାତ୍ରୀଛାତ୍ର ଅଛନ୍ତି। ସେଥିମଧ୍ୟରୁ ୨୪୫ଜଣ ପିଲାଙ୍କୁ ଅଭିଭାବକ କଲେଜ ଆସିବା ପାଇଁ ଅନୁମତି ଦେଇଛନ୍ତି।

କରୋନା ଗାଇଡ୍‌ଲାଇନ ଆଧାରରେ ସେମାନଙ୍କୁ ୧୦ଟି ଶ୍ରେଣୀରେ ବିଭକ୍ତ କରାଯାଇ ପାଠ ପଢାଯାଉଛି। ତେବେ ଏହି କଲେଜରେ ଓଡ଼ିଆ, ସୋସିଓଲୋଜି ବିଷୟ ପାଇଁ ଅଧ୍ୟାପକ ନାହାନ୍ତି। ୫ବର୍ଷ ହେଲା ସୋସିଓଲୋଜି ପଦବୀ ଖାଲି ପଡିଛି। ଓଡ଼ିଆ ଅଧ୍ୟାପକ ତଥା କଲେଜ ଅଧ୍ୟକ୍ଷ କିଶୋର ଜେନା, ଅଧ୍ୟାପିକା କାଦମ୍ବିନୀ ମହାନ୍ତି ଅବସର ନେବା ପରଠାରୁ ଏହି ପଦବୀ ଖାଲି ରହିଛି। ସେହିପରି ଅର୍ଥନୀତି ବିଭାଗ ଅଧ୍ୟାପକ ୩୧ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତେବେ ଏଠାରେ ଏସବୁ ବିଷୟରେ କେମିତି ପାଠପଢା ଶେଷ ହେବ ତାକୁ ନେଇ କଲେଜ କର୍ତ୍ତୃପକ୍ଷ, ଅଭିଭାବକ, ବିଦ୍ୟାର୍ଥୀ ଚିନ୍ତାରେ ପଡ଼ିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ଡ. ଅବଦୁଲ୍ ରଉଫ କହିଛନ୍ତି, ସେ ଏ ଦିଗରେ ଡିଗ୍ରୀ କଲେଜର ଅଧ୍ୟାପିକାଅଧ୍ୟାପିକାଙ୍କ ସହାୟତା ନେଉଛନ୍ତି। ତଥାପି ଅସୁବିଧା ରହୁଛି। ଅଧ୍ୟାପକ ସଂକଟ ଦୂର କରିବା ନେଇ ପରିଚାଳନା କମିଟି ସହ ଆଲୋଚନା ଜାରି ରଖିଛନ୍ତି। ତେବେ ସେ କଲେଜର ସମ୍ବଳ ଦେଖି ଯାହାକିଛି ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

ସେହିପରି ମଧୁବନ କଲେଜର କଳାରେ ୩୨୦ ବିଦ୍ୟାର୍ଥୀ ଅଛନ୍ତି। ଏଠାରେ ୩ଟି ଶ୍ରେଣୀ କକ୍ଷରେ ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଯାଉଛି। ସମାନ ସ୍ଥିତି କଲଣ କଲେଜରେ ମଧ୍ୟ ଦେଖିବାକୁ ମିଳିଛି, ଯାହାକି କରୋନା କଟକଣାକୁ ଅନୁପାଳନ କରୁନାହିଁ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶ୍ରେଣୀ ବଣ୍ଟନ କଲେ ସେହି ଅନୁସାରେ କକ୍ଷ ଓ ଅଧ୍ୟାପକଙ୍କ ଆବଶ୍ୟକତା ରହିଛି। ତେବେ ତାହାକୁ ପୂରଣ କରିବା ସହଜ ନୁହେଁ ବୋଲି କଲେଜ ଅଧ୍ୟାପିକା ଲଳିତା ମହାନ୍ତି ପ୍ରକାଶ କରିଥିବା ବେଳେ ସରକାର ସ୍କୁଲଗୁଡିକୁ ଦେଖି ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ଏହି ନିୟମାବଳୀ ଅନୁଯାୟୀ କଲେଜରେ ପାଠପଢାଇବା ସମ୍ଭବପର ହୋଇପାରିବ ନାହିଁ ବୋଲି କଲେଜ ଅଧ୍ୟକ୍ଷ କୁଶଧର ପଣ୍ଡା ମତ ରଖିଛନ୍ତି। ମୁଗୁପାଳ କଲେଜରେ ସବୁପିଲାଙ୍କୁ ୧୦ଟି ସେକ୍ସନରେ ବିଭକ୍ତ କରାଯାଇଛି। ଫିଲୋସଫି ଓ ଇଂଲିଶରେ ଅଧ୍ୟାପକ ସମସ୍ୟା ରହିଛି। ଶିକ୍ଷାକୁ ସୁବ୍ୟବସ୍ଥିତ କରିବା ପାଇଁ ଗଭର୍ଣ୍ଣିଂ ବଡିର ରିଜୋଲ୍ୟୁସନ ବଳରେ ଦୁଇଟି ଶିଫ୍ଟରେ ଭାଗ କରାଯାଇଛି। ଯୁକ୍ତ ୨ ପାଇଁ ମର୍ଣ୍ଣିଂ ଶିଫ୍ଟ ଓ ଯୁକ୍ତ ୩ ବିଦ୍ୟାର୍ଥୀଙ୍କ ପାଇଁ ଡେ ଶିଫ୍ଟର ବ୍ୟବସ୍ଥା କରାଯାଇଛି। କଲେଜରେ ଉଭୟ ବର୍ଗର ଅଧ୍ୟାପିକାଅଧ୍ୟାପକଙ୍କୁ ଭାଗଭାଗ କରାଯାଇ ପାଠପଢ଼ା ଯାଉଛି। ଆବଶ୍ୟକତା ଅନୁସାରେ ଅଧ୍ୟାପିକାଅଧ୍ୟାପକଙ୍କୁ ରଖିବା ପାଇଁ ସରକାରୀ ନିର୍ଦ୍ଦେଶ ଅଛି। ମାତ୍ର ପାଣ୍ଠି ଅଭାବ ଯୋଗୁ ସେମାନେ ନୂଆ ନିଯୁକ୍ତି ଦେଇପାରିବେ ନାହିଁ ବୋଲି ଅଧ୍ୟକ୍ଷା ଡ. ସୁସ୍ମିତା ମିଶ୍ର ପ୍ରକାଶ କରିଛନ୍ତି। ତେବେ ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି। ନଚେତ୍ ପାଠପଢ଼ା ଶେଷ ହୋଇପାରିବ ନାହିଁ ବୋଲି କୁହାଯାଉଛି।

